PR No - 192/3.10.2024

OFFICE OF THE TAHASILDAR HEMGIR

# ଅଦାଲତ, ତହସିଲଦାର, ହେମଗିର,

## ଇସ୍ତିହାର

ଏତଦ୍ଵାରା ମୌଜା ସାରଙ୍ଗୀଝରିଆ , ଥାନା –ହେମଗିର, ଜିଲ୍ଲା ସୁନ୍ଦରଗଡ ର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **Deputy Registrar, Co-Operative Societies, Sundargarh Division** ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି କୁ **ସମବାୟ ସମିତି ଅଫିସ (ଲ୍ୟାମ୍ପ ଅଫିସ), ଗୋଦାମ ଏବଂ ଅନ୍ୟାନ୍ୟ ନିର୍ମାଣ ଯଥା ବିହନ, ସାର ରକ୍ଷଣ/ବିକ୍ରୟ କେନ୍ଦ୍ର** ନିର୍ମାଣ ଉଦ୍ଦେଶ୍ୟରେ ନିଜ ନାମେ ଲିଜ ସୂତ୍ରେ ବନ୍ଦୋବସ୍ତ କରାଯିବାପାଇଁ ଅତ୍ର ଅଦାଲତ ରେ ଦରଖାସ୍ତ ସହ ଆବେଦନ କରିଥିବାରୁ ତାହା ଅତ୍ର ଅଦାଲତରେ ବିଚାରାଧିନ ଅଛି।

ଏଣୁ ଏ ସଂକ୍ରାନ୍ତରେ ଯଦି କୌଣସି ବ୍ୟକ୍ତି ବିଶେଷାଙ୍କ ତତ୍ ସମନ୍ଧିୟ ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତିହାର ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ଵାକ୍ଷରକାରୀଙ୍କ ଅଦାଲତରେ (ସରକାରୀ ଛୁଟୀଦିନ ବ୍ୟତୀତ) ଲିଖିତାକାରରେ ଆବଶ୍ୟକୀୟ କୋର୍ଟଫିସ୍ ସହ ଆପତ୍ତି ଦାଏର କରିପାରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି ଅଭିଯୋଗ ଅଗ୍ରାହ୍ୟ ହେବ ତଥା ଆଇନାନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଜମି ତଫସିଲ**

| ମୌଜା | ହା.ଖା.ନଂ | ପ୍ଲଟ ନଂ | କିସମ | ରକବା |
|---|---|---|---|---|
| ସାରଙ୍ଗୀଝରିଆ | ୨୯ (ଆବାଦ ଯୋଗ୍ୟ ଅନାବାଦି) | ୨୮ | ପତିତ | ଏ ୦.୭୮ ଡି |

ତହସିଲଦାର, ହେମଗିର
ଜି: ସୁନ୍ଦରଗଡ
Tahasildar
Hemgir

ଜ୍ଞାପକ ସଂଖ୍ୟା 2501 ତା: 04.10.2024

ଏହାର ଏକକିତା ନକଲ **ସରପଞ୍ଚ, ସୁମୁରା ଗ୍ରାମପଞ୍ଚାୟତଙ୍କ** ଅବଗତି ତଥା ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ଏବଂ ଏକ ନକଲ ସଂପୃକ୍ତ ଗ୍ରାମର ଦୃସ୍ୟମାନ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରୀ ପାଇଁ ପ୍ରେରଣ କରାଗଲା ଏବଂ ଗ୍ରାମରେ ଢେଙ୍କୁରା/ମାଇକ ବଜାଇ ପ୍ରଚାର ପାଇଁ ଆଦେଶ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ହେମେଗିର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଲଟକାଜାରୀ କରାଗଲା ।

ପୁନଶ୍ଚ ଏହାର ଏକକିତା ନକଲ **District e-Governance Manager, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ** ଙ୍କ ଅବଗତି ନିମନ୍ତେ ପଠଗଲା ଓ ବହୁଳ ପ୍ରଚାର ନିମନ୍ତେ www.sundargarh.odisha.gov.in ର ୱେବସାଇଟ ରେ ଅପଲୋଡ ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ହେମଗିର
ଜି: ସୁନ୍ଦରଗଡ
Tahasildar
Hemgir